


Notes

# ୩୩

# ଲୋକସେବା ଆୟୋଗ

## (Public Service Commission)

### ଉପକ୍ରମ :

ଗୋଟିଏ ଦେଶର ବିଭିନ୍ନ ପ୍ରଶାସନିକ ସ୍ତରରେ ସଫଳତା ପାଇବା ପାଇଁ ବେସାମରିକ ସେବା ଅଧିକାରୀ (Civil Servants)ଙ୍କର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ । ଏମାନେ ସାଧାରଣତଃ 'ଅମଲା' ନାମରେ (Bureaucrats) ସୁପରିଚିତ । ଏମାନେ ସାମରିକ ବାହିନୀରେ କାର୍ଯ୍ୟରତ ସାମରିକ ଅଧିକାରୀମାନଙ୍କଠାରୁ ଭିନ୍ନ ।

ବେସାମରିକ ସେବା ଅଧିକାରୀମାନଙ୍କର ଚୟନ ପ୍ରଣାଳୀ, ପ୍ରଶିକ୍ଷଣ ବ୍ୟବସ୍ଥା ଓ ସେମାନଙ୍କର ଦରମା ଏବଂ ଭତ୍ତା ତଥା ଚାକିରୀରେ ପଦୋନ୍ନତି ସହିତ ଚାକିରୀ ସର୍ତ୍ତାବଳୀ ଇତ୍ୟାଦିର ତାତ୍ପର୍ଯ୍ୟପୂର୍ଣ୍ଣ ଭୂମିକା ରହିଛି । ମୁଖ୍ୟତଃ ବେସାମରିକ ସେବା ଅଧିକାରୀମାନଙ୍କର ଚୟନ ପ୍ରଣାଳୀକୁ ଅଧିକ ସ୍ୱଚ୍ଛ ତଥା ନିରପେକ୍ଷ କରାଯିବା ପାଇଁ ଏକ ସ୍ୱାଧୀନ ତଥା ନିରପେକ୍ଷ ସର୍ବୋଚ୍ଚ କ୍ଷମତା ସମ୍ପନ୍ନ ସଂସ୍ଥା ବା ଅନୁଷ୍ଠାନର ବହୁତ ଗୁରୁତ୍ୱ ରହିଛି । ଏହି ସଂସ୍ଥା ବା ଅନୁଷ୍ଠାନଟି **"ଲୋକସେବା ଆୟୋଗ"** (Public Service Commission) ନାମରେ ସୁପରିଚିତ ।

ଭାରତ ପରି ଅନ୍ୟ ସମସ୍ତ ଗଣତାନ୍ତ୍ରିକ ତଥା ସଂଘୀୟ ରାଷ୍ଟ୍ରର ସମ୍ବିଧାନରେ ଗୋଟିଏ 'କେନ୍ଦ୍ର ଲୋକସେବା ଆୟୋଗ' ଗଠନ କରାଯିବାର ବିଧିବଦ୍ଧ ବ୍ୟବସ୍ଥା ରହିଛି । ତେଣୁ କେନ୍ଦ୍ର ଓ ରାଜ୍ୟସ୍ତରୀୟ ଲୋକସେବା ଆୟୋଗଗୁଡ଼ିକ ବସ୍ତୁତଃ ସମ୍ବିଧାନ-ସ୍ୱୀକୃତ ସଂସ୍ଥା । ସେହିପରି ଦୁଇଟି ବା ତତୋଽଧିକ ରାଜ୍ୟପାଇଁ ଗୋଟିଏ ଯୁଗ୍ମ ଲୋକସେବା ଆୟୋଗ ସଂସଦୀୟ ଆଇନ ଦ୍ୱାରା ଗଠିତ ହୋଇଥାଏ ।

### ଲକ୍ଷ୍ୟ ବା ଉଦ୍ଦେଶ୍ୟ (Objective)

ଏହି ପାଠକୁ ଅଧ୍ୟୟନ କରିବା ପରେ ତୁମେ ଏକଥା ଜାଣିପାରିବ :

- କିପରି ବେସାମରିକ ସେବା ଅଧିକାରୀମାନଙ୍କୁ ଚୟନ କରିବା ପାଇଁ ଏକ ସ୍ୱାଧୀନ ତଥା ନିରପେକ୍ଷ ସଂସ୍ଥା ବା ଅନୁଷ୍ଠାନର ଆବଶ୍ୟକତା ରହିଛି ?
- କିପରି କେନ୍ଦ୍ର ଲୋକସେବା ଆୟୋଗ ଗଠିତ ହୋଇଅଛି ?
- କେନ୍ଦ୍ର ଲୋକସେବା ଆୟୋଗର କାର୍ଯ୍ୟାବଳୀ କ'ଣ ?
- କିପରି ରାଜ୍ୟସ୍ତରୀୟ ଲୋକସେବା ଆୟୋଗ ଗଠନ କରାଯାଇଛି ?
- ରାଜ୍ୟସ୍ତରୀୟ ଲୋକସେବା ଆୟୋଗର କାର୍ଯ୍ୟାବଳୀ କ'ଣ ?
- ଯୁଗ୍ମ ଲୋକସେବା ଆୟୋଗ ସମ୍ପର୍କିତ ସାମ୍ବିଧାନିକ ବ୍ୟବସ୍ଥାଗୁଡ଼ିକ କ'ଣ ?
- ସର୍ବୋପରି, ଲୋକସେବା ଆୟୋଗର ସ୍ୱତନ୍ତ୍ରତା, ସ୍ୱାଧୀନତା ତଥା ନିରପେକ୍ଷତା ସମ୍ପର୍କିତ ସାମ୍ବିଧାନିକ ବ୍ୟବସ୍ଥାଗୁଡ଼ିକ କ'ଣ ?







## ୩୩.୧ ଏପରି ଏକ ସ୍ୱାଧୀନ ତଥା ନିରପେକ୍ଷ ସଂସ୍ଥା ଗଠନର ଆବଶ୍ୟକତା କ'ଣ ?

ଏକଥା କହିବା ବାହୁଲ୍ୟ ଯେ, ବେସାମରିକ ସେବା ଅଧିକାରୀମାନଙ୍କର ଚୟନ ପ୍ରକ୍ରିୟା ନିରପେକ୍ଷ ତଥା ତ୍ରୁଟିଶୂନ୍ୟ ହେବା ବାଞ୍ଛନୀୟ । ଏକ ମୁକ୍ତ ଚୟନ ପ୍ରକ୍ରିୟା ସମସ୍ତ ପ୍ରକାର ଅସାଧୁ ଉପାୟର ପ୍ରୟୋଗ ତଥା ରାଜନୀତିକ ଚାପ ରୁ ଦୂରରେ ରହିଥାଏ । ମେଧା ତଥା ଯୋଗ୍ୟତାଭିତ୍ତିକ ଚୟନ ବ୍ୟବସ୍ଥା ସର୍ବଦା ନିରପେକ୍ଷତାକୁ ଗୁରୁତ୍ୱ ଦେଇଥାଏ ଓ ଏହା ଅଧିକ ବିଶ୍ୱାସନୀୟ ଅଟେ । ଏହି ଲକ୍ଷ୍ୟ ହାସଲ ପାଇଁ ଚୟନ ପ୍ରକ୍ରିୟାରେ ସାଧୁତା ତଥା ନିରପେକ୍ଷତା ସର୍ବଦା ଗ୍ରହଣୀୟ । ସେଥିପାଇଁ ସାମ୍ବିଧାନିକ ବ୍ୟବସ୍ଥା ଅନୁସାରେ ଏକ ସ୍ୱାଧୀନ ତଥା ନିରପେକ୍ଷ ସଂସ୍ଥା ରହିଛି ଯାହା **"ଲୋକସେବା ଆୟୋଗ"** ନାମରେ ପରିଚିତ । ଏହି ନିରପେକ୍ଷ ତଥା ସ୍ୱାଧୀନ ସଂସ୍ଥା ଜରିଆରେ –

(୧) ସରକାରଙ୍କ 'କାର୍ଯ୍ୟପାଳିକା' ଅଙ୍ଗକୁ ବରିଷ୍ଠ ସେବା ଅଧିକାରୀଙ୍କ ଚୟନ ପ୍ରକ୍ରିୟାରୁ ଦୂରେଇ ରଖାଯାଇଛି ।

(୨) ଚୟନ ପ୍ରକ୍ରିୟାରେ ସମସ୍ତ ପ୍ରକାର ସାଧୁତା ତଥା ନିରପେକ୍ଷତା ବଜାୟ ରଖିବା ପାଇଁ ଲୋକସେବା ଆୟୋଗକୁ ଯଥାସାଧ୍ୟ ସରକାରୀ କଳର ଚାପରୁ ଦୂରେଇ ରଖାଯାଇଛି ।

(୩) ଶେଷରେ ଏକ 'ସ୍ୱୟଂଚାଳିତ' (Autonomous) ସଂସ୍ଥାରୂପେ ନିଜର ଦାୟିତ୍ୱ ତୁଲାଇବା ପାଇଁ ଏହି ଲୋକସେବା ଆୟୋଗକୁ ସ୍ୱତନ୍ତ୍ର ସାମ୍ବିଧାନିକ ମାନ୍ୟତା ପ୍ରଦାନ କରାଯାଇଛି ।

ଏଠାରେ ସୂଚୀତ କରାଯାଇପାରେ ଯେ, ଲୋକସେବା ଆୟୋଗ ମୁଖ୍ୟତଃ ଏକ ପ୍ରାର୍ଥୀ ଚୟନ ସଂସ୍ଥା । ଏହା ଚାକିରୀରେ ନିଯୁକ୍ତି ପ୍ରଦାନ କରେ ନାହିଁ । ଏହି ନିଯୁକ୍ତି ପ୍ରଦାନ ଦାୟିତ୍ୱ ସରକାର (କାର୍ଯ୍ୟପାଳିକା)ଙ୍କ ହାତରେ ନ୍ୟସ୍ତ । ମୁଖ୍ୟତଃ ଲୋକସେବା ଆୟୋଗ ଏକ ପରାମର୍ଶଦାତା ସଂସ୍ଥା । ନିଯୁକ୍ତି ପାଇବା ପାଇଁ ଉପଯୁକ୍ତ ପ୍ରାର୍ଥୀଙ୍କୁ ଚୟନ କରି, ତାଙ୍କ ନାମକୁ ସରକାରଙ୍କୁ ସୁପାରିଶ୍ କରିବା କାର୍ଯ୍ୟଟି ହେଉଛି ଲୋକସେବା ଆୟୋଗର । ଆୟୋଗର ସୁପାରିଶ ସରକାର ଗ୍ରହଣ କରିବାକୁ ବାଧ ନୁହଁନ୍ତି ସତ; ମାତ୍ର ସାଧାରଣରେ ପ୍ରାୟ ସମସ୍ତ ସୁପାରିଶ୍‌କୁ ସରକାର ଗ୍ରହଣ କରିଥା'ନ୍ତି । ଯଦି ସୁପାରିଶ୍‌କୁ ସରକାର ଗ୍ରହଣ କରିନଥା'ନ୍ତି, ତେବେ ତତ୍‌ସମ୍ପର୍କିତ ଯଥୋଚିତ କାରଣ ଲିଖିତ ଭାବରେ ସରକାର ଆୟୋଗକୁ ଜଣାଇବାକୁ ବାଧ । ଏହା ଏକ ପରମ୍ପରା । ସୁପାରିଶ୍‌କୁ ପୁନର୍ବିଚାର କରିବା ଦାୟିତ୍ୱ ଆୟୋଗର ଓ ଆୟୋଗ ଇଚ୍ଛାକଲେ, ପୂର୍ବ ପ୍ରଦତ୍ତ ସୁପାରିଶରେ ପରିବର୍ତ୍ତନ ଆଣି ପାରନ୍ତି ବା କୌଣସି ପଦକ୍ଷେପ ନନେଇ ପାରନ୍ତି ।

## ପାଠ ସମ୍ପର୍କିତ ପ୍ରଶ୍ନାବଳୀ ୩୩.୧

**ପ୍ରଶ୍ନ ୧। ସଠିକ୍ ଉତ୍ତର ବାଛି ଠିକ୍ (✓) ଚିହ୍ନ ଦିଅ :**

(i) ସରକାରରେ ପ୍ରଶାସନିକ ବ୍ୟବସ୍ଥାକୁ ଚଳାନ୍ତି :

(କ) ନିର୍ବାଚିତ ଲୋକପ୍ରତିନିଧି


(ଖ) ମନ୍ତ୍ରୀଗଣ

(ଗ) ବେସାମରିକ ସେବା ଅଧିକାରୀ (ଅମଲା)

(ଘ) ଭାରତର ଜନସାଧରଣ

(ii) ବେସାମରିକ ସେବା ଅଧିକାରୀମାନଙ୍କୁ ଚୟନ କରିବା ପାଇଁ ଉଦ୍ଦିଷ୍ଟ ସ୍ୱାଧୀନ ତଥା ନିରପେକ୍ଷ ସଂସ୍ଥାଟି ନିମ୍ନମତେ ପରିଚିତ :

(କ) ଷ୍ଟାଫ୍ ସିଲେକ୍‌ସନ ବୋର୍ଡ଼





(ଖ) ନିର୍ବାଚନ ଆୟୋଗ

(ଗ) ଯୋଜନା ଆୟୋଗ

(ଘ) ଲୋକସେବା ଆୟୋଗ

(iii) ବେସାମରିକ ସେବା ଅଧିକାରୀଙ୍କ ଚୟନ ପାଇଁ ଆବଶ୍ୟକ ଥିବା ଏକ ନିରପେକ୍ଷ ତଥା ସ୍ୱାଧୀନ ସଂସ୍ଥା ଗଠନ କରାଯାଇଥାଏ । ଏହାର କାରଣ ହେଲା :

(କ) ଚୟନ ପ୍ରକ୍ରିୟାରେ ପ୍ରାର୍ଥୀଙ୍କର ଯୋଗ୍ୟତା ତଥା ମେଧା ଓ ନିରପେକ୍ଷତା ପ୍ରତି ଗୁରୁତ୍ୱ ଦିଆଯାଇ ଥାଏ ।

(ଖ) ଏହା ନାଗରିକର ଅଧିକାରକୁ ସୁରକ୍ଷା ପ୍ରଦାନ କରେ ।

(ଗ) ଏହା ମନ୍ତ୍ରୀଙ୍କର ଅଭିଳାଷ ଓ ଆକାଂକ୍ଷା ପୂରଣ କରେ ।

(ଘ) ଏହା ବେସରକାରୀ ସେବା ଅଧିକାରୀଙ୍କୁ ନିଯୁକ୍ତି ପ୍ରଦାନ କରେ ।

## ୩୩.୨ ଲୋକସେବା ଆୟୋଗ ପ୍ରତିଷ୍ଠା ବ୍ୟବସ୍ଥା କାହିଁକି ?

ବହୁ ପୂର୍ବରୁ ପ୍ରଚଳିତ ବିଭାଗୀୟ ଚୟନ ପ୍ରକିୟାଠାରୁ ବେସାମରିକ ସେବା ଅଧିକାରୀଙ୍କର ଚୟନ ପ୍ରକିୟାକୁ ଅଲଗା କରିବା ପାଇଁ ଓ ସେଥିରେ ଅଧିକ ନିରପେକ୍ଷତା ଅବଲମ୍ବନ କରିବା ପାଇଁ ଏକ ଆୟୋଗ ଗଠନ କରାଯିବା ଉଦ୍ଦେଶ୍ୟରେ ସମ୍ବିଧାନରେ ବିହିତ ବ୍ୟବସ୍ଥା କରାଯାଇଅଛି । ଆମ ସମ୍ବିଧାନର ପ୍ରଣେତାମାନେ ଏକଥା ଉପଲବ୍ଧି କରିଥିଲେ ଯେ 'ବିଶାରଦ (Expert) ତଥା ବୈଷୟିକ ଜ୍ଞାନରେ ନିପୁଣ ବ୍ୟକ୍ତି ବିଶେଷଙ୍କ ଅଭିଜ୍ଞତା ଓ ଅନୁଭୂତିକୁ ଆଧାର କରି ଚୟନ ପ୍ରକ୍ରିୟାକୁ ଅଧିକ ଜ୍ଞାନ କୌଶଳ ଭିତ୍ତିକ କରାଯିବା ଉଦ୍ଦେଶ୍ୟରେ ଲୋକସେବା ଆୟୋଗର ପରିକଳ୍ପନା କରାଯାଇଛି । ଏଥି ସହିତ ଆୟୋଗର ସମସ୍ତ ନିଷ୍ପତ୍ତିକୁ ସହମତ ଭିତ୍ତିକ କରାଯିବା ପାଇଁ ଆୟୋଗର ସମସ୍ତ ସଦସ୍ୟ ଆଲୋଚନା ମାଧ୍ୟମରେ ସମସ୍ତ ନିଷ୍ପତ୍ତି ଗ୍ରହଣ କରିଥାନ୍ତି ଓ ମତାନୈକ୍ୟ ଥିଲେ ବି 'ମତୈକ' ଉପରେ ବିଶେଷ ଭାବରେ ଗୁରୁତ୍ୱ ପ୍ରଦାନ କରାଯାଇ ନିଷ୍ପତ୍ତି ନିଆଯାଏ ।

ପୁନଶ୍ଚ ବୈଷୟିକ ଜ୍ଞାନଥିବା ଅନୁଭୂତି ସଂପନ୍ନ ଅଭିଜ୍ଞ ବ୍ୟକ୍ତିଙ୍କୁ ଆୟୋଗର ସଦସ୍ୟ କରାଗଲେ, ଆୟୋଗର କାର୍ଯ୍ୟଶୈଳୀରେ ପାରଦର୍ଶିତା ବୃଦ୍ଧି ପାଇବା ସହିତ ସମସ୍ତ ବୈଷୟିକ ତଥା ବୃତ୍ତି ସଂପର୍କିତ ନିଷ୍ପତ୍ତିଗୁଡ଼ିକ ଅଧିକ ନିରପେକ୍ଷ ତଥା ସ୍ୱଚ୍ଛ ଏବଂ ସଫଳ କାମ ହୋଇ ପାରିବ । ଆୟୋଗର କାର୍ଯ୍ୟଶୈଳୀ ଅଧିକ ନମନୀୟ ହେଲେ, ନିଷ୍ପତ୍ତି ନେବାରେ ନୂତନ ତଥା ଅନୁସନ୍ଧିତ୍ସୁ ଚିନ୍ତାଧାରାକୁ ଅଧିକ ପ୍ରାଧାନ୍ୟ ମିଳିଥାଏ ଓ ନିଷ୍ପତ୍ତି ଅଧିକ ଚାପମୁକ୍ତ ଓ ସ୍ୱଚ୍ଛ ହୋଇ ଥାଏ । ତଥାପି ଅମଲାତାନ୍ତ୍ରିକ ଅନମନୀୟତା ଓ ବିଳମ୍ବିତ ନିଷ୍ପତ୍ତିକୁ ଏଡ଼ାଇ ଦେଇ ହେବନି । ଏକଥା ପ୍ରତି ଆୟୋଗ ଦୃଷ୍ଟି ଦେଲେ ସମସ୍ତ ନିଷ୍ପତ୍ତିରେ ନିରପେକ୍ଷତା ଜାହିର୍ ହୋଇ ପାରିବ ।

## ୩୩.୩ ଲୋକସେବା ଆୟୋଗକୁ ସାମ୍ବିଧାନିକ ମାନ୍ୟତା ଦେବାର ତାତ୍ପର୍ଯ୍ୟ :

ଯୁକ୍ତିଛଳରେ କୁହାଯାଇଥାଏ ଯେ ଲୋକସେବା ଆୟୋଗକୁ ସାମ୍ବିଧାନିକ ମାନ୍ୟତା ଦେବା ପଛରେ ଥିବା ବଳିଷ୍ଠ ଯୁକ୍ତିଟି ହେଲା ଯେ ଆୟୋଗ ନିର୍ଭୟରେ ଓ ବିନା ଚାପଗ୍ରସ୍ତ ହୋଇ ନିଜର କର୍ତ୍ତବ୍ୟ ସମ୍ପାଦନ କରିପାରିବ । ଏହା ସମ୍ଭବ ହୋଇ ପାରିବ, ଯେତେବେଳେ ଆୟୋଗର ସଦସ୍ୟମାନଙ୍କର ନିଯୁକ୍ତି ଓ ବହିଷ୍କାର ବ୍ୟବସ୍ଥା, ନିଯୁକ୍ତି ଜନିତ ଯୋଗ୍ୟତା ଓ ବହିଷ୍କାରର ସର୍ତ୍ତାବଳୀ ସାମ୍ବିଧାନିକ ବ୍ୟବସ୍ଥା ଦ୍ୱାରା ସୁରକ୍ଷିତ ହୋଇପାରିବ । ରାଜନୀତିକ ଦଳୀୟ ଚାପରୁ ନିଜକୁ ସ୍ୱାଧୀନ ରଖି ତଥା ନିରପେକ୍ଷତା ଅବଲମ୍ବନ ପୂର୍ବକ ଆୟୋଗ ନିଜର କର୍ତ୍ତବ୍ୟ ସମ୍ପାଦନ କରିବା ବିଧେୟ । ସଂସଦ ଓ ବିଧାନମଣ୍ଡଳ ଏବଂ କାର୍ଯ୍ୟପାଳିକାର ଅହରହ ତଥା ଅନ୍ୟାୟୋଚିତ ହସ୍ତକ୍ଷେପରୁ ଆୟୋଗ ଯେପରି ନିଜକୁ ସୁରକ୍ଷିତ ରଖିପାରିବ ଓ ନିରପେକ୍ଷତାର ସହିତ ନିଜର କର୍ତ୍ତବ୍ୟ

ସମ୍ପାଦନ କରିବ, ତାହାହିଁ ହେବ ଆୟୋଗର ବାସ୍ତବ କ୍ଷେତ୍ରରେ ସ୍ୱତନ୍ତ୍ରତା ଓ ସାମ୍ବିଧାନିକ ସୁରକ୍ଷା, ଯାହା ଆୟୋଗକୁ ଦେବ ଏକ ସାମ୍ବିଧାନିକ ପଦମର୍ଯ୍ୟାଦା ଓ ସ୍ୱୀକୃତି ।

## ୩୩. ୪ ଭାରତର କେନ୍ଦ୍ର ଲୋକସେବା ଆୟୋଗର ଗଠନ :

କେନ୍ଦ୍ର ସରକାର ସର୍ବଭାରତୀୟ ସେବା ଅନ୍ତର୍ଭୁକ୍ତ ବେସାମରିକ ସେବା ଅଧିକାରୀମାନଙ୍କର ନିଯୁକ୍ତି ପାଇଁ ଉପଯୁକ୍ତ ବିବେଚିତ ପ୍ରାର୍ଥୀମାନଙ୍କୁ ଚୟନ କରିବା ଓ ସେମାନଙ୍କ ନାମ ତାଲିକା କେନ୍ଦ୍ର ସରକାରଙ୍କୁ ସୁପାରିସ୍ କରିବା ପାଇଁ କେନ୍ଦ୍ର ଲୋକସେବା ଆୟୋଗ ଗଠନ କରାଯିବାର ବ୍ୟବସ୍ଥା ସମ୍ବିଧାନରେ ସ୍ଥାନିତ ହୋଇଅଛି । କେନ୍ଦ୍ର ଲୋକସେବା ଆୟୋଗର ଗଠନ ପ୍ରଣାଳୀ, ସଦସ୍ୟ ସଂଖ୍ୟା, ସଦସ୍ୟ(ଆୟୁକ୍ତ)ଙ୍କ ନିଯୁକ୍ତି ପ୍ରଣାଳୀ, ଚାକିରୀ ସର୍ତ୍ତାବଳୀ ଇତ୍ୟାଦି ସମସ୍ତ ବିଷୟ ରାଷ୍ଟ୍ରପତି (କେନ୍ଦ୍ରସରକାର) ନିର୍ଦ୍ଧାରଣ କରିବେ । ଆୟୋଗର ଅଧ୍ୟକ୍ଷଙ୍କ ସମେତ ଅନ୍ୟ ସମସ୍ତ ଆୟୁକ୍ତଙ୍କ ସଂଖ୍ୟା ବର୍ତ୍ତମାନ ୯(ନଅ) । ଆୟୋଗର ଅଧ୍ୟକ୍ଷ ଏବଂ ଆୟୁକ୍ତମାନେ ଦେଶର ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ ହୁଅନ୍ତି । ବାସ୍ତବ କ୍ଷେତ୍ରରେ ରାଷ୍ଟ୍ରପତି କେନ୍ଦ୍ର ସରକାରଙ୍କର ସୁପାରିଶ କ୍ରମେ ଆୟୋଗର ଅଧ୍ୟକ୍ଷ ଓ ଅନ୍ୟ ଆୟୁକ୍ତମାନଙ୍କୁ ନିଯୁକ୍ତି ଦେଇଥାନ୍ତି । ସାମ୍ବିଧାନିକ ବ୍ୟବସ୍ଥାନୁସାରେ ଅନ୍ୟୁନ ଅର୍ଦ୍ଧାଧିକ ଆୟୁକ୍ତ (ଚାରିଜଣ) କେନ୍ଦ୍ର ସରକାର ବା ରାଜ୍ୟ ସରକାରଙ୍କ ଅଧିନରେ ଅନ୍ୟୁନ ଦଶବର୍ଷ କାଳ ବରିଷ୍ଠ ପଦାଧିକାରୀ ଭାବରେ କାର୍ଯ୍ୟ କରିଥିବେ ।

ପ୍ରତ୍ୟେକ ଆୟୁକ୍ତଙ୍କ କାର୍ଯ୍ୟକାଳ ସର୍ବାଧିକ ଛଅବର୍ଷ । ଆୟୁକ୍ତ ପଦରେ ସେ ଦାୟିତ୍ୱ ଗ୍ରହଣ କରିବା ଦିନଠାରୁ ଏହି ଛଅବର୍ଷ ଅବଧି ଗଣନା କରାଯାଏ । ମାତ୍ର ଅବସରକାଳୀନ ବୟସ ସୀମା ୬୫ବର୍ଷ ଥିବାରୁ, ପ୍ରତ୍ୟେକ ଆୟୁକ୍ତ ସର୍ବାଧିକ ଛଅ ବର୍ଷ ବା ୬୫ବର୍ଷ ବୟସ୍କ ହେବା ପର୍ଯ୍ୟନ୍ତ (ଯାହା ଆଗ ଆସିବ) ନିଜ ପଦବୀରେ ରହିବେ । ଆୟୋଗର ଅଧ୍ୟକ୍ଷଙ୍କ ପାଇଁ କାର୍ଯ୍ୟକାଳ ସର୍ବାଧିକ ୬ ବର୍ଷ ଓ ଅବସର ନେବାର ବୟସ ସୀମା ଆୟୁକ୍ତଙ୍କ ପରି ମଧ୍ୟ ସର୍ବାଧିକ ୬୫ବର୍ଷ (ଯାହା ଆଗ ଆସିବ) ରହିବ । ଅଧ୍ୟକ୍ଷଙ୍କ କ୍ଷେତ୍ରରେ ଭବିଷ୍ୟତରେ ପୁନଃନିଯୁକ୍ତିର ବ୍ୟବସ୍ଥା ନାହିଁ । ମାତ୍ର ଜଣେ ଆୟୁକ୍ତ କେନ୍ଦ୍ର ଲୋକସେବା ଆୟୋଗ ବା ରାଜ୍ୟ ଲୋକସେବା ଆୟୋଗର ଅଧ୍ୟକ୍ଷ ପଦ ଗ୍ରହଣ କରିବାରେ କୌଣସି ବାଧା ନାହିଁ ।

କେନ୍ଦ୍ର ଲୋକସେବା ଆୟୋଗର ଅଧ୍ୟକ୍ଷ ଓ ଅନ୍ୟ ଆୟୁକ୍ତମାନଙ୍କର ଚାକିରୀ ସର୍ତ୍ତାବଳୀ ସେମାନଙ୍କୁ ସେମାନଙ୍କର ନିଯୁକ୍ତି ପରେ ବା ସେମାନେ ପଦବୀରେ କାର୍ଯ୍ୟରତ ଥିବା ବେଳେ କୌଣସି ଅସୁବିଧାରେ ପକାଇବା ପରିସ୍ଥିତି ସୃଷ୍ଟି କରିବା ପାଇଁ ପରିବର୍ତ୍ତିତ ହେବ ନାହିଁ । ଏପରି ବ୍ୟବସ୍ଥା କରାଯିବାର ଉଦ୍ଦେଶ୍ୟ ହେଲା, ଆୟୋଗର ସାମ୍ବିଧାନିକ ସ୍ୱତନ୍ତ୍ରତାକୁ ମାନ୍ୟତା ଦେବା ସହିତ ଏହାର କର୍ତ୍ତବ୍ୟ ସମ୍ପାଦନରେ ସ୍ୱାଧିନତା ଉପଭୋଗ କରିବା ।

ଆୟୋଗର ଅଧ୍ୟକ୍ଷ ଓ ଅନ୍ୟ ଆୟୁକ୍ତମାନଙ୍କର ଦରମା ଓ ଭତ୍ତା ସଂସଦର ଅନୁମୋଦନ ସାପେକ୍ଷ ନୁହେଁ ଓ ତାହା ଭାରତର ସମ୍ମିଳିତ ପାଣ୍ଠି (Cosolidated Fund of India) ରୁ ବ୍ୟୟ କରାଯାଏ ।

ଆୟୋଗର ଅଧ୍ୟକ୍ଷ ଓ ଅନ୍ୟଆୟୁକ୍ତମାନଙ୍କୁ ପଦବୀରୁ ବହିଷ୍କାର ପ୍ରଣାଳୀ ସମ୍ବିଧାନ ଦ୍ୱାରା ନିର୍ଦ୍ଧାରିତ ହୋଇଅଛି । ପ୍ରମାଣିତ ଅସଦ୍‌ବ୍ୟବହାର (Proved Misbehaviour) କାରଣରୁ ରାଷ୍ଟ୍ରପତିଙ୍କ ଦ୍ୱାରା ଅଧ୍ୟକ୍ଷ ଓ ଆୟୁକ୍ତମାନେ ପଦଚ୍ୟୁତ ହୋଇଥା'ନ୍ତି । ବହିଷ୍କାର ପ୍ରଣାଳୀଟି ବେଶ୍ ଜଟିଳ । ପ୍ରଥମେ ରାଷ୍ଟ୍ରପତି, ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ତଦନ୍ତ (Inquiry) କରିବା ପରେ ଅସଦବ୍ୟବହାର ଅଭିଯୋଗ ପ୍ରମାଣିତ ହେଲେ ସଂପୃକ୍ତ ଅଧ୍ୟକ୍ଷ ବା ଆୟୁକ୍ତଙ୍କୁ ପଦଚ୍ୟୁତ କରିବେ । ତଦନ୍ତ ଚାଲୁ ରହିଥିବା ସମୟରେ ରାଷ୍ଟ୍ରପତି ଇଚ୍ଛାକଲେ ସଂପୃକ୍ତ ଆୟୁକ୍ତଙ୍କୁ ନିଲମ୍ବିତ (Suspend) କରି ପାରିବେ । ଅଧ୍ୟକ୍ଷଙ୍କ ସମେତ ଆୟୁକ୍ତଙ୍କୁ ଅସଦାଚାରଣ ଅଭିଯୋଗରେ ଅଭିଯୁକ୍ତ କରାଯିବ, ଯଦି ସେମାନଙ୍କ କର୍ତ୍ତବ୍ୟ ସମ୍ପାଦନ ସମୟରେ ସେମାନଙ୍କ ବିରୁଦ୍ଧରେ ଅର୍ଥପ୍ରାପ୍ତି ସମ୍ପର୍କିତ ଲାଭଜନକ ଅଭିଯୋଗ ସାବ୍ୟସ୍ତ ହୋଇଥିବ । ଏତଦ୍‌ବ୍ୟତୀତ ସାମ୍ବିଧାନିକ ବ୍ୟବସ୍ଥା ମୁତାବକ ରାଷ୍ଟ୍ରପତି ଆୟୋଗର





ଅଧ୍ୟକ୍ଷ ଓ କୌଣସି ଆୟୁକ୍ତଙ୍କୁ ନିଃସ୍ୱ ହେବା କାରଣରୁ ହେଉ (insolvency) ବା ଶାରିରୀକ ତଥା ମାନସିକ ଅକ୍ଷମତା କାରଣରୁ ହେଉ ସେମାନଙ୍କ ପଦବୀରୁ ବହିଷ୍କାର କରିପାରନ୍ତି । ସେହିପରି ଅଧ୍ୟକ୍ଷ ଓ ଆୟୁକ୍ତ ପଦବୀରେ ଥାଇ ସେମାନେ ଅନ୍ୟ କୌଣସି ଲାଭଜନକ ପଦବୀ ବା ସବେତନ ନିଯୁକ୍ତି ଗ୍ରହଣ କରିଥିଲେ, ରାଷ୍ଟ୍ରପତି ମଧ୍ୟ ତାଙ୍କୁ ପଦରୁ ଅପସାରଣ କରିପାରନ୍ତି ।

### ପାଠ ଅନ୍ତର୍ଭୁକ୍ତ ପ୍ରଶ୍ନାବଳୀ ୩୩.୨

**ପ୍ରଶ୍ନ ୧। ପ୍ରତ୍ୟେକ ପ୍ରଶ୍ନର ସଠିକ୍ ଉତ୍ତର ବାଛି ଠିକ୍ (✓) ଚିହ୍ନ ପ୍ରଦାନ କର ।**

(i) ଲୋକସେବା ଆୟୋଗ ଏକ :-

(କ) ସାମ୍ବିଧାନିକ ସଂସ୍ଥା

(ଖ) ଆଇନ ସମର୍ଥିତ ସଂସ୍ଥା

(ଗ) କାର୍ଯ୍ୟପାଳିକାର ନିଷ୍ପତ୍ତି ଦ୍ୱାରା ଗଠିତ ସଂସ୍ଥା

(ଘ) ଏ ମଧ୍ୟରୁ କୌଣସିଟି ନୁହେଁ ।

(ii) ଲୋକସେବା ଆୟୋଗ କାର୍ଯ୍ୟ କରେ :

(କ) ଚୟନ କାର୍ଯ୍ୟ କରୁଥିବା ଏକ ସଂସ୍ଥା ଭାବରେ,

(ଗ) ନିଯୁକ୍ତି ପ୍ରଦାନକାରୀ ସଂସ୍ଥା ଭାବରେ,

(ଘ) ସମସ୍ତ ସରକାରୀ ପଦରେ ନିଯୁକ୍ତି ପାଇଁ ଏକ ପରାମର୍ଶଦାତା ସଂସ୍ଥା ଭାବରେ,

(ଘ) ଏ ମଧ୍ୟରୁ କୌଣସିଟି ନୁହେଁ ।

(iii) କେନ୍ଦ୍ର ଲୋକସେବା ଆୟୋଗର ଅଧ୍ୟକ୍ଷ ଓ ଅନ୍ୟ ସଦସ୍ୟମାନଙ୍କୁ ସେମାନଙ୍କର ପଦବିରୁ କିଏ ବହିଷ୍କାର କରିପାରିବେ ?

(କ) ରାଷ୍ଟ୍ରପତି

(ଖ) କେନ୍ଦ୍ର ମନ୍ତ୍ରିପରିଷଦ

(ଗ) ପ୍ରଧାନମନ୍ତ୍ରୀ

(ଘ) ସର୍ବୋଚ୍ଚ ନ୍ୟାୟାଳୟ

## ୩୩.୫ କେନ୍ଦ୍ର ଲୋକସେବା ଆୟୋଗର କାର୍ଯ୍ୟାବଳୀ

କେନ୍ଦ୍ର ଲୋକସେବା ଆୟୋଗର କାର୍ଯ୍ୟାବଳୀ ନିମ୍ନ ପ୍ରକାରର :

(i) ପ୍ରତ୍ୟକ୍ଷ ଭାବରେ ବା ପଦୋନ୍ନତି ଜରିଆରେ କେନ୍ଦ୍ର ବେସାମରିକ ସେବାର ପଦାଧିକାରୀମାନଙ୍କୁ ନିଯୁକ୍ତି ପ୍ରଦାନ କରିବା ପାଇଁ ଅନୁସୃତ ଚୟନ ପ୍ରଣାଳୀ ସମ୍ପର୍କରେ କେନ୍ଦ୍ର ସରକାରଙ୍କୁ ବିହିତ ଉପଦେଶ ଓ ପରାମର୍ଶ ପ୍ରଦାନ କରିବା;

(ii) ଉପଯୁକ୍ତ ପ୍ରାର୍ଥୀଙ୍କୁ ଚୟନ କରିବାରେ ଯଥୋଚିତ ପରାମର୍ଶ ବା ଉପଦେଶ ଦେବା;

(iii) ସର୍ବଭାରତୀୟ ସେବାରେ ନିଯୁକ୍ତି ପାଇବା ପାଇଁ ପରୀକ୍ଷା ପରିଚାଳନା କରିବା;

(iv) ସରକାରୀ କର୍ମଚାରୀଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦିଗରେ ସରକାରଙ୍କୁ ବିହିତ ଉପଦେଶ ଓ ପରାମର୍ଶ ଦେବା;

(v) କେନ୍ଦ୍ର ଲୋକସେବା କର୍ମଚାରୀଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ କରାଯିବା କ୍ଷେତ୍ରରେ ସମୁଚିତ ଉପଦେଶ ଓ ମରାମର୍ଶ ସରକାରଙ୍କୁ ପ୍ରଦାନ କରିବା;

(vi) କାର୍ଯ୍ୟରତ କେନ୍ଦ୍ର ସରକାରୀ କର୍ମଚାରୀ ଦୁର୍ଘଟଣା ଜନିତ କୌଣସି ଆଘାତ ପାଇବା ପରେ ବିହିତ କ୍ଷତିପୂରଣ ଦାବି କରିବା ସମ୍ପର୍କରେ କେନ୍ଦ୍ର ସରକାରଙ୍କୁ ବିଧିବଦ୍ଧ ଉପଦେଶ ଓ ପରାମର୍ଶ ଦେବା ।

(vii) ରାଷ୍ଟ୍ରପତି ମାଗିଥିବା କୌଣସି ବିଷୟ ଉପରେ ସରକାରଙ୍କ ନିଷ୍ପତ୍ତି ସମ୍ପର୍କରେ ସରକାରଙ୍କୁ ଉପଦେଶ ଓ ପରାମର୍ଶ ଦେବା ।

ଏତଦ୍‌ବ୍ୟତୀତ ସଂସଦ ଇଚ୍ଛାକଲେ, ଆୟୋଗର କାର୍ଯ୍ୟ ପରିସରକୁ ଅଧିକ ବିସ୍ତାରିତ କରି ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥା, ନିଗମ ତଥା ଅନ୍ୟ ସରକାରୀ ସଂସ୍ଥାଗୁଡ଼ିକୁ ଏହାର ପରିସରଭୁକ୍ତ କରିପାରିବେ ।

ଏଠାରେ ସୂଚିତ କରାଯାଇପାରେ ଯେ, ନିମ୍ନୋକ୍ତ କେତେକ ପଦବୀର ନିଯୁକ୍ତି କ୍ଷେତ୍ରରେ କେନ୍ଦ୍ର ଲୋକସେବା ଆୟୋଗର ପରାମର୍ଶ ସରକାର ନିଅନ୍ତି ନାହିଁ । ସେହି ପଦବୀଗୁଡ଼ିକ ହେଲା :-

(i) ବିଭିନ୍ନ ନିଗମ ତଥା ଟ୍ରିବ୍ୟୁନାଲ୍ ବା ପ୍ରାଧିକରଣ ଏବଂ ଆୟୋଗର ସଦସ୍ୟ ଗଣ ।

(ii) ବିଭିନ୍ନ ଉଚ୍ଚପଦସ୍ଥ କୂଟନୀତିଜ୍ଞ ମାନଙ୍କର ବିଭିନ୍ନ ପ୍ରକାର ସ୍ୱାଧିକର (Privilege) ସମ୍ପର୍କିତ ବିଷୟ ।

(iii) 'ଗ' ଏବଂ 'ଘ' ବର୍ଗର କେନ୍ଦ୍ର ସରକାରଙ୍କର କର୍ମଚାରୀ ବୃନ୍ଦ ।

କେନ୍ଦ୍ରସରକାର ଇଚ୍ଛାକଲେ, ଆୟୋଗଙ୍କ କାର୍ଯ୍ୟ ପରିସରକୁ ନିମ୍ନଲିଖିତ କେତେକ କ୍ଷେତ୍ରରେ ଅଧିକ ପ୍ରସାରିତ କରି ପାରିବେ ଏବଂ ସେ ଗୁଡ଼ିକ ହେଲା – ଚାକିରୀରୁ ବାଧ୍ୟତାମୂଳକ ଅବସର ଗ୍ରହଣ ଓ ବହିଷ୍କାର, ଉଚ୍ଚସ୍ତରୀୟ ପଦବୀରୁ ଅଧସ୍ତନ ବା ନିମ୍ନସ୍ତରୀୟ ପଦବୀକୁ ଅପସାରଣ ତଥା ବେତନର ବାର୍ଷିକ ବୃଦ୍ଧିକୁ ସାମୟିକ ଭାବରେ ବନ୍ଦ ରଖିବା ଏବଂ ସର୍ବୋପରି, ନିଜର କର୍ତ୍ତବ୍ୟ ସମ୍ପାଦନ କ୍ଷେତ୍ରରେ ଅବହେଳା ଯୋଗୁଁ ସରକାରଙ୍କ ଅର୍ଥ ଅପଚୟ କରିଥିବା ଅଧିକାରୀଙ୍କ ଠାରୁ ସମପରିମାଣର କ୍ଷତିପୂରଣ ଆଦାୟ କ୍ଷେତ୍ରରେ ବିହିତ ପରାମର୍ଶ ଲୋକସେବା ଆୟୋଗ ସରକାରଙ୍କୁ ଦେଇଥାଆନ୍ତି ।

ରାଷ୍ଟ୍ରପତିଙ୍କ ନିକଟରେ ଲୋକସେବା ଆୟୋଗ ପ୍ରତିବର୍ଷ ନିଜର କାର୍ଯ୍ୟ ସମ୍ପାଦନ ସମ୍ପର୍କିତ ବାର୍ଷିକ ବିବରଣୀ (ରିପୋର୍ଟ) ଦାଖଲ କରିଥା'ନ୍ତି । ଏହି ରିପୋର୍ଟକୁ ରାଷ୍ଟ୍ରପତି ସଂସଦ ନିକଟରେ ଉପସ୍ଥାପନ କରନ୍ତି ଓ ସଂସଦରେ ଏହି ରିପୋର୍ଟ ଉପରେ ଆଲୋଚନା ଜାରି ରହେ । ଆୟୋଗ ସେହି ରିପୋର୍ଟରେ ନିଜର କାର୍ଯ୍ୟାବଳୀର ସଫଳ ରୂପାୟନ ସମ୍ପର୍କରେ ସୂଚନା ପ୍ରଦାନ କରିଥାଆନ୍ତି । ସରକାରଙ୍କୁ ଆୟୋଗ ଦ୍ୱାରା ପ୍ରଦତ୍ତ ପରାମର୍ଶ ଓ ସୁପାରିଶ (Recommendation) ଗୁଡ଼ିକ ଏବଂ ଏହି ସୁପାରିଶ ଉପରେ ସରକାରଙ୍କର କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ରିପୋର୍ଟରେ ସବିଶେଷ ସୂଚନା ପ୍ରଦାନ କରାଯାଇଥାଏ । ଫଳରେ ସରକାରଙ୍କୁ ଅଧିକ ଉତ୍ତରଦାୟୀ କରିବାରେ ଆୟୋଗର ରିପୋର୍ଟର ଭୂମିକା ବିଶେଷ ଭାବରେ ଗୁରୁତ୍ୱପୂର୍ଣ୍ଣ ।


## ପାଠ ସମ୍ପର୍କୀତ ପ୍ରଶ୍ନାବଳୀ ୩୩.୩

**ପ୍ରଶ୍ନ ୧। ସଠିକ୍ ଉତ୍ତର ବାଛି ଠିକ୍ (✓) ଚିହ୍ନ ପ୍ରଦାନ କର ।**

(i) ନିମ୍ନୋକ୍ତ କେଉଁ ସଂସ୍ଥା ନିକଟରେ କେନ୍ଦ୍ର ଲୋକସେବା ଆୟୋଗର ବାର୍ଷିକ ରିପୋର୍ଟ ଦାଖଲ କରାଯିବା ରାଷ୍ଟ୍ରପତିଙ୍କର ଦାୟିତ୍ୱ ଅଟେ ?

(କ) ସର୍ବୋଚ୍ଚ ନ୍ୟାୟାଳୟ (ଖ) ସଂସଦ

(ଗ) ଭାରତର କମ୍ପଟ୍ରୋଲ୍‌ର ଏବଂ ଅଡ଼ିଟର ଜେନେରାଲ (ଘ) ମନ୍ତ୍ରି ପରିଷଦ



Notes

(ii) ସମ୍ବିଧାନର ୩୨୧ ଧାରା ଅନୁସାରେ ନିମ୍ନୋକ୍ତ କିଏ କେନ୍ଦ୍ର ଲୋକସେବା ଆୟୋଗକୁ ଅଧିକ ଦାୟିତ୍ୱ ପ୍ରଦାନ କରିପାରିବେ ?

(କ) ରାଷ୍ଟ୍ରପତି (ଖ) ପ୍ରଧାନମନ୍ତ୍ରୀ

(ଗ) ସଂସଦ (ଘ) ସର୍ବୋଚ୍ଚ ନ୍ୟାୟାଳୟ

## ୩୩.୬ ରାଜ୍ୟ ଲୋକସେବା ଆୟୋଗ ଗଠନ :

ଭାରତର ପ୍ରତି ରାଜ୍ୟରେ ଗୋଟିଏ ଲେଖାଁଏ ଲୋକସେବା ଆୟୋଗ ରହିଛି । ସାମ୍ବିଧାନିକ ବ୍ୟବସ୍ଥା ଅନୁସାରେ ରାଜ୍ୟର ରାଜ୍ୟପାଳ ଆୟୋଗର ସଦସ୍ୟ ସଂଖ୍ୟା ସ୍ଥିର କରିବେ । ଅନ୍ୟୁନ ଅର୍ଦ୍ଧାଧିକ ସଦସ୍ୟଙ୍କୁ ରାଜ୍ୟପାଳ ମନୋନୀତ କରିବେ, ଯେଉଁମାନଙ୍କର କେନ୍ଦ୍ର ବା ରାଜ୍ୟ ସରକାରଙ୍କ ଅଧିନରେ ଅନ୍ୟୁନ ଦଶ ବର୍ଷ ଚାକିରୀ କରିବାର ଅଭିଜ୍ଞତା ଥିବ । ରାଜ୍ୟପାଳଙ୍କ ଦ୍ୱାରା ଆୟୋଗର ସଦସ୍ୟମାନେ ନିଯୁକ୍ତ ହୋଇଥାନ୍ତି । ସଦସ୍ୟମାନଙ୍କର ସର୍ବାଧିକ କାର୍ଯ୍ୟକାଳ ଛଅ ବର୍ଷ ବା ସର୍ବାଧିକ ୬୨ ବର୍ଷ ହେବା ବୟସ୍କ ହେବା ପର୍ଯ୍ୟନ୍ତ (ଯାହା ଆଗ ଆସିବ) ସଦସ୍ୟମାନେ ସେ ପର୍ଯ୍ୟନ୍ତ ନିଜ ପଦରେ ରହିପାରିବେ । ରାଜ୍ୟ ଲୋକସେବା ଆୟୋଗର ସଦସ୍ୟମାନଙ୍କୁ ରାଜ୍ୟପାଳ ନିଯୁକ୍ତି ପ୍ରଦାନ କରୁଥିଲେ ମଧ, ସେ ସେମାନଙ୍କୁ ପଦରୁ ବହିଷ୍କାର କରିପାରିବେ ନାହିଁ । ଆୟୋଗର ସଦସ୍ୟମାନେ କେବଳ ରାଷ୍ଟ୍ରପତିଙ୍କ ଦ୍ୱାରା ନିଜ ପଦରୁ ଅପସାରିତ ହୋଇପାରିବେ । ଆୟୋଗର ସଦସ୍ୟମାନଙ୍କର ଚାକିରୀ ସର୍ତ୍ତାବଳୀ ରାଜ୍ୟପାଳଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଥାଏ ସତ, ମାତ୍ର ସାମ୍ବିଧାନିକ ବ୍ୟବସ୍ଥାନୁସାରେ ସେମାନଙ୍କର ଚାକିରୀ ସର୍ତ୍ତବାଳୀକୁ ଆୟୋଗର ସଦସ୍ୟମାନଙ୍କର କୌଣସି ଅସୁବିଧା ହେବା ପାଇଁ ପରିବର୍ତ୍ତିତ କରାଯିବ ନାହିଁ । ଏହାର ତାତ୍ପର୍ଯ୍ୟ ହେଲା ଯେ ଆୟୋଗର ସଦସ୍ୟଗଣ ନିଜର କର୍ତ୍ତବ୍ୟ ସମ୍ପାଦନରେ ସ୍ୱାଧୀନତା ଉପଭୋଗ କରିପାରିବେ ।

ରାଜ୍ୟ ଲୋକସେବା ଆୟୋଗର ଜଣେ ସଦସ୍ୟ ୬୨ ବର୍ଷ ବୟସରେ ଅବସର ନେବା ପରେ କେନ୍ଦ୍ର ଲୋକସେବା ଆୟୋଗର ଅଧକ୍ଷ ବା ସଦସ୍ୟ ପଦରେ ଅବସ୍ଥାପିତ ହୋଇ ପାରିବେ, ଯଦି ତାଙ୍କର ବୟସ ୬୫ ବର୍ଷରୁ ଅଧିକ ହୋଇ ନଥିବ । ସେ ମଧ ରାଜ୍ୟ ଲୋକସେବା ଆୟୋଗର ଅଧକ୍ଷ ପଦରେ ରହିପାରିବେ, ଯଦି ତାଙ୍କର ବୟସ ସୀମା ୬୨ବର୍ଷରୁ ଅଧିକ ହୋଇ ନଥିବ ।

କେନ୍ଦ୍ର ଲୋକସେବା ଆୟୋଗ ପରି ରାଜ୍ୟ ଲୋକସେବା ଆୟୋଗ ମଧ ନିଜର କର୍ତ୍ତବ୍ୟ ସମ୍ପାଦନ ସଂପର୍କିତ ବାର୍ଷିକ ବିବରଣୀ (ରିପୋର୍ଟ) ରାଜ୍ୟର ରାଜ୍ୟପାଳଙ୍କୁ ପ୍ରଦାନ କରିବେ ଓ ରାଜ୍ୟପାଳ ରିପୋର୍ଟକୁ ପାଠକରିବା ପରେ ରାଜ୍ୟ ବିଧାନମଣ୍ଡଳରେ ତାହା ଉପସ୍ଥାପିତ କରିବେ । କେଉଁ କ୍ଷେତ୍ରରେ ଆୟୋଗର ସୁପାରିଶ୍‌କୁ ରାଜ୍ୟ ସରକାର ଗ୍ରହଣ କରିନାହାନ୍ତି, ତତ୍‌ସଂପର୍କିତ ମନ୍ତବ୍ୟ ରାଜ୍ୟପାଳ ଏହି ରିପୋର୍ଟ ସହିତ ବିଧାନମଣ୍ଡଳରେ ଉପସ୍ଥାପିତ କରିବେ । ଏହି କ୍ଷେତ୍ରରେ ରାଜ୍ୟ ସରକାର ଆୟୋଗର ସୁପାରିଶ୍ ଗ୍ରହଣ କରି ନଥିବାର ସ୍ୱଷ୍ଟ କାରଣ ଦର୍ଶାଇବେ । ରାଜ୍ୟ ସରକାରଙ୍କର କ୍ଷମତା ଅପବ୍ୟବହାର ତଥା ମନମୁଖୀ କାରବାର ଉପରେ ଏହା ଏକ ଅାଙ୍କୁଶ ପରି କାମକରେ ।

କେନ୍ଦ୍ର ଲୋକସେବା ଆୟୋଗ ଓ ରାଜ୍ୟ ଲୋକସେବା ଆୟୋଗଙ୍କ କାର୍ଯ୍ୟାବଳୀ ପ୍ରାୟ ଏକାପରି । ରାଜ୍ୟ ସରକାରଙ୍କ କ୍ଷେତ୍ରରେ ରାଜ୍ୟ ଲୋକସେବା ଠିକ୍ ସେହି କର୍ତ୍ତବ୍ୟ ସମ୍ପାଦନ କରନ୍ତି ଯାହା କେନ୍ଦ୍ରଲୋକସେବା ଆୟୋଗ ଆୟୋଗ କେନ୍ଦ୍ର ସରକାରଙ୍କର କ୍ଷେତ୍ରରେ କରିଥାଆନ୍ତି ।

## ୩୩.୭ ଯୁଗ୍ମ ଲୋକସେବା ଆୟୋଗ

ପ୍ରତି ରାଜ୍ୟପାଇଁ ଗୋଟିଏ ଲେଖାଁଏ ଲୋକସେବା ଆୟୋଗ ଗଠନ କରାଯିବାର ବ୍ୟବସ୍ଥା ଥିଲେ ମଧ, ଆବଶ୍ୟକ ସ୍ଥଳେ ଦୁଇ ବା ତତୋଧିକ ରାଜ୍ୟ ସହମତ ହେଲେ ଗୋଟିଏ ଯୁଗ୍ମ ଲୋକସେବା ଆୟୋଗ



Notes



ଗଠନ କରାଯାଇ ପାରିବ । ସେଥିପାଇଁ ନିର୍ଦ୍ଦିଷ୍ଟ ପ୍ରଣାଳୀ ରହିଛି । ପ୍ରତ୍ୟେକ ଆଗ୍ରହୀ ରାଜ୍ୟ ନିଜ ରାଜ୍ୟର ବିଧାନମଣ୍ଡଳରେ ତତ୍ ସଂପର୍କିତ ଏକ 'ପ୍ରସ୍ତାବ' (Resolution) ଅନୁମୋଦିତ କରିବା ପରେ ତାହାକୁ ଆଧାର କରି ସଂସଦ ଏକ ଆଇନ ପ୍ରଣୟନ କରି ଉକ୍ତ ରାଜ୍ୟମାନଙ୍କ ପାଇଁ ଏକ ଯୁଗ୍ମ ଲୋକସେବା ଆୟୋଗ ଗଠନ କରାଇବାର ବ୍ୟବସ୍ଥା କରିବେ । ଉକ୍ତ ଯୁଗ୍ମ ଲୋକସେବା ଆୟୋଗର ଅଧ୍ୟକ୍ଷ ଓ ଅନ୍ୟ ସଦସ୍ୟବୃନ୍ଦ ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ ହେବେ ।

## ୩୩ .୮ ଲୋକସେବା ଆୟୋଗର ସ୍ୱତନ୍ତ୍ରତା

କେନ୍ଦ୍ର ଲୋକସେବା ଆୟୋଗ ତଥା ରାଜ୍ୟ ଲୋକସେବା ଆୟୋଗଗୁଡ଼ିକ ଚାପଗ୍ରସ୍ତ ନ ହୋଇ ନିରପେକ୍ଷତାର ସହିତ ନିଜ ନିଜର କର୍ତ୍ତବ୍ୟ ସଂପାଦନ କରିବା ପାଇଁ ସମ୍ବିଧାନରେ ସେମାନଙ୍କୁ ଏକାଧିକ ସ୍ୱଂତନ୍ତ୍ରତା ବା ସ୍ୱାଧୀନତା ପ୍ରଦାନ କରାଯାଇଅଛି । ସେ ମଧ୍ୟରୁ କେତୋଟି ନିମ୍ନରେ ସୂଚିତ କରାଗଲା ।

(୧) ଆୟୋଗର ଅଧ୍ୟକ୍ଷ ଓ ସଦସ୍ୟବୃନ୍ଦ ଏକ ନିର୍ଦ୍ଦିଷ୍ଟ ଅବଧି (ସର୍ବାଧିକ ଛଅବର୍ଷ) ପାଇଁ ନିଯୁକ୍ତ ହୋଇଥାନ୍ତି । ସେମାନଙ୍କର ଅବସର ନେବାର ସମୟ ସୀମା ମଧ୍ୟ ସମ୍ବିଧାନ ଦ୍ୱାରା ନିର୍ଦ୍ଧାରିତ । କେନ୍ଦ୍ର ଲୋକସେବା ଆୟୋଗ କ୍ଷେତ୍ରରେ ଏହି ସର୍ବାଧିକ ବୟସ ସୀମା ୬୫ବର୍ଷ ଥିବା ବେଳେ ରାଜ୍ୟ ଲୋକସେବା ଆୟୋଗ କ୍ଷେତ୍ରରେ ଏହା ୬୨ବର୍ଷରେ ସୀମିତ ।

(୨) ଆୟୋଗର ଅଧ୍ୟକ୍ଷ ଓ ସଦସ୍ୟମାନଙ୍କର ଚାକିରୀ ସର୍ତ୍ତାବଳୀ ସେମାନେ କର୍ତ୍ତବ୍ୟରତ ଥିବାବେଳେ ସେମାନଙ୍କୁ ଅସୁବିଧାରେ ପକାଇବା ଲାଗି ପରିବର୍ତ୍ତିତ କରାଯିବ ନାହିଁ ।

(୩) ଆୟୋଗର ଅଧ୍ୟକ୍ଷ ଓ ସଦସ୍ୟବୃନ୍ଦ ଏକ ନିର୍ଦ୍ଦିଷ୍ଟ କାରଣ ଯୋଗୁଁ ରାଷ୍ଟ୍ରପତିଙ୍କ ଦ୍ୱାରା ସର୍ବୋଚ୍ଚ ନ୍ୟାୟାଳୟର ପରାମର୍ଶ କ୍ରମେ ନିଜ ନିଜ ପଦରୁ ବହିଷ୍କୃତ ହୋଇ ପାରିବେ ।

(୪) ଆୟୋଗର ସମସ୍ତ ବ୍ୟୟଭାର ଭାରତର ସମ୍ମିଳିତ ପାଣ୍ଠି ବହନ କରିବେ ।

(୫) କେନ୍ଦ୍ର ତଥା ରାଜ୍ୟଲୋକସେବା ଆୟୋଗର କ୍ଷମତାକୁ ସଂକୁଚିତ ବା ପ୍ରସାରିତ କରିବା ପାଇଁ (ଆବଶ୍ୟକ ପଡ଼ିଲେ) ସମସ୍ତ ଅଧିନିୟମ (Regulation) ଯଥାକ୍ରମେ କେନ୍ଦ୍ର ଆୟୋଗ କ୍ଷେତ୍ରରେ ସଂସଦ ଦ୍ୱାରା ଓ ରାଜ୍ୟ ଆୟୋଗ କ୍ଷେତ୍ରରେ ସେହି ରାଜ୍ୟର ବିଧାନମଣ୍ଡଳ ଦ୍ୱାରା ଅନୁମୋଦିତ ହେବା ପାଇଁ ଉପସ୍ଥାପନ କରାଯିବ ।

(୬) କେନ୍ଦ୍ର ଲୋକସେବା ଆୟୋଗ ଓ ରାଜ୍ୟ ଲୋକସେବା ଆୟୋଗରୁ ଅବସର ଗ୍ରହଣ କରିଥିବା ସଦସ୍ୟ ମାନଙ୍କର ପୁନର୍ନିଯୁକ୍ତି କ୍ଷେତ୍ରରେ ଯଥୋଚିତ କଟକଣା ରହିଛି ।

**ଓଡ଼ିଶା ଲୋକସେବା ଆୟୋଗ ,** କଟକଠାରେ ଅବସ୍ଥାପିତ । ଏହା ଜଣେ ଅଧ୍ୟକ୍ଷ ଓ ଅନ୍ୟ ଦୁଇଜଣ ସଦସ୍ୟଙ୍କୁ ନେଇ ଗଠିତ । ଶିକ୍ଷା ତଥା ପ୍ରଶାସନରେ ଧୂରୀଣ ତଥା ସମାଜର ଖ୍ୟାତି ସଂପନ୍ନ ବ୍ୟକ୍ତି ବିଶେଷଙ୍କୁ ନେଇ ଏହି ଆୟୋଗ ଗଠିତ ହୋଇଅଛି ଓ ଏହା ନିଜର ସାମ୍ବିଧାନିକ ଦାୟିତ୍ୱ ପାଳନ କରୁଅଛି ।

## ପାଠ ଅନ୍ତର୍ଭୁକ୍ତ ପ୍ରଶ୍ନାବଳୀ ୩୩ .୪

**ପ୍ରଶ୍ନ ୧। ସଠିକ୍ ଉତ୍ତର ବାଛି ଠିକ୍ (✓) ଚିହ୍ନ ଦିଅ :**

(i) ରାଜ୍ୟ ଲୋକସେବା ଆୟୋଗର ଜଣେ ସଦସ୍ୟଙ୍କର ଅବସର ନେବାର ସର୍ବାଧିକ ବୟସସୀମା କେତେ ବର୍ଷ

(କ) ୬୦ ବର୍ଷ (ଖ) ୬୨ ବର୍ଷ

(ଗ) ୬୩ ବର୍ଷ (ଘ) ୬୫ ବର୍ଷ

(ii) କେନ୍ଦ୍ର ଲୋକସେବା ଆୟୋଗର ସଦସ୍ୟଙ୍କ କାର୍ଯ୍ୟକାଳର ଅବଧି କେତେ ବର୍ଷ ?

(କ) ୪ ବର୍ଷ (ଖ) ୫ ବର୍ଷ

(ଗ) ୬ ବର୍ଷ (ଘ) ୭ ବର୍ଷ

**(iii) ଗୋଟିଏ ଯୁଗ୍ମ ଲୋକସେବା ଆୟୋଗର ଅଧକ୍ଷଙ୍କୁ କିଏ ନିଯୁକ୍ତି ପ୍ରଦାନ କରନ୍ତି ?**

(କ) ରାଷ୍ଟ୍ରପତି (ଖ) ରାଜ୍ୟପାଳ

(ଗ) ପ୍ରଧାନମନ୍ତ୍ରୀ (ଘ) ସର୍ବୋଚ୍ଚ ନ୍ୟାୟାଳୟ

## ଏହି ପାଠରୁ ତୁମେ କ'ଣ ଶିଖିଲ ?

୧। ଏହି ପାଠଟି ଅଧ୍ୟୟନ କରି ତୁମେ ଜାଣିଲ ଯେ କେନ୍ଦ୍ରରେ ଓ ପ୍ରତି ରାଜ୍ୟ ପାଇଁ ଗୋଟିଏ ଲେଖାଏଁ ସ୍ୱାଧୀନ ତଥା ନିରପେକ୍ଷ ସଂସ୍ଥା ଅଛି, ଯାହା ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭକରିଥିବା ଅଭିଜ୍ଞ ବ୍ୟକ୍ତିଙ୍କୁ ନେଇ ଗଠିତ ଓ ଏହାର ନାମହେଲା **'ଲୋକସେବା ଆୟୋଗ'** । ବେସାମରିକ ପଦସ୍ଥ ସେବା ଅଧିକାରୀଙ୍କ ନିଯୁକ୍ତି ପାଇଁ ଉପଯୁକ୍ତ ପ୍ରାର୍ଥୀ । ଚୟନ କ୍ଷେତ୍ରରେ ଯୋଗ୍ୟ ଓ ମେଧା ସଂପନ୍ନ ପ୍ରାର୍ଥୀମାନଙ୍କ ନାମସୁପାରିଶ କରିବା ଓ ଚାକିରୀରେ ପଦୋନ୍ନତି ଏବଂ ବଦଳିକ୍ଷେତ୍ରରେ ସରକାରଙ୍କୁ ପରାମର୍ଶ ବା ଉପଦେଶଦେବା ହେଉଛି ଲୋକସେବା ଆୟୋଗର ମୁଖ୍ୟ କାର୍ଯ୍ୟ ।

୨। ଭାରତରେ ତିନିଶ୍ରେଣୀର ଲୋକସେବା ଆୟୋଗ କାର୍ଯ୍ୟ କରୁଅଛି । ସେଗୁଡ଼ିକ ହେଲା — କେନ୍ଦ୍ର ଲୋକସେବା ଆୟୋଗ, ରାଜ୍ୟ ଲୋକସେବା ଆୟୋଗ ଓ ଯୁଗ୍ମ ଲୋକସେବା ଆୟୋଗ ।

୩। କେନ୍ଦ୍ର ଲୋକସେବା ଆୟୋଗର ଅଧକ୍ଷ ଓ ସଦସ୍ୟବୃନ୍ଦ ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ ହୋଇଥାଆନ୍ତି ।

୪। ରାଜ୍ୟ ଲୋକସେବା ଆୟୋଗର ଅଧକ୍ଷ ଓ ସଦସ୍ୟମାନଙ୍କୁ ସଂପୃକ୍ତ ରାଜ୍ୟର ରାଜ୍ୟପାଳ ନିଯୁକ୍ତ କରନ୍ତି ।

୫। ଆୟୋଗ କିପରି ନିରପେକ୍ଷତା ଓ ସ୍ୱତନ୍ତ୍ରତା ସହିତ ନିଜର ଦାୟିତ୍ୱ ପାଳନ କରିବ ସେଥିପାଇଁ ବିହିତ ବ୍ୟବସ୍ଥା ସମ୍ବିଧାନରେ ରଖାଯାଇଅଛି ।

୬। ଆୟୋଗଗୁଡ଼ିକ ସ୍ୱଚ୍ଛତା ଓ ସାଧୁତା ରକ୍ଷା କରିବା ସହିତ ବେସାମରିକ ପଦସ୍ଥ ସେବା ଅଧିକାରୀଙ୍କର ନିଯୁକ୍ତି ଜନିତ ଚୟନ କାର୍ଯ୍ୟ ସଫଳତାର ସହିତ ସମ୍ପାଦନ କରୁଅଛନ୍ତି ।

## ଦୀର୍ଘ ଉତ୍ତର ସମ୍ବଳିତ ପ୍ରଶ୍ନାବଳୀ :

ପ୍ରଶ୍ନ-୧। ବେସାମରିକ ସେବା ଅଧିକାରୀମାନଙ୍କ ଚୟନ ପ୍ରକ୍ରିୟାରେ ଏକ ନିରପେକ୍ଷ ତଥା ସ୍ୱାଧୀନ ଅନୁଷ୍ଠାନ / ସଂସ୍ଥାର ଆବଶ୍ୟକତା ବର୍ଣ୍ଣନା କର ।

ପ୍ରଶ୍ନ-୨। କେନ୍ଦ୍ର ଲୋକସେବା ଆୟୋଗର ଗଠନ ଓ କାର୍ଯ୍ୟାବଳୀ ଆଲୋଚନା କର ।

ପ୍ରଶ୍ନ-୩। କେନ୍ଦ୍ର ଲୋକସେବା ଆୟୋଗର ଅଧକ୍ଷ ଓ ଅନ୍ୟ ସଦସ୍ୟବୃନ୍ଦ କିପରି ନିଯୁକ୍ତି ପାଇଥାଆନ୍ତି ଏବଂ ସେମାନଙ୍କର ଯୋଗ୍ୟତା କ'ଣ ?

ପ୍ରଶ୍ନ-୪। ଲୋକସେବା ଆୟୋଗର ସ୍ୱାଧୀନତା / ସ୍ୱତନ୍ତ୍ରତା ସଂପର୍କିତ ସାମ୍ବିଧାନିକ ବ୍ୟବସ୍ଥା ଗୁଡ଼ିକ ଆଲୋଚନା କର ।

## ପାଠ ଅନ୍ତର୍ଭୁକ୍ତ ପ୍ରଶ୍ନାବଳୀର ଉତ୍ତର ସଂପର୍କିତ ସୂଚନା

**୩୩.୧**

ପ୍ରଶ୍ନ ୧- (ଗ)

ପ୍ରଶ୍ନ ୨ - (ଘ)

ପ୍ରଶ୍ନ ୩ - (କ)

**୩୩. ୨**

ପ୍ରଶ୍ନ ୧ (କ)

ପ୍ରଶ୍ନ ୨ (କ)

ପ୍ରଶ୍ନ ୩ (ଖ)

**୩୩ .୩**

ପ୍ରଶ୍ନ ୧ - (ଖ)

ପ୍ରଶ୍ନ ୨ - (ଗ)

**୩୩. ୪**

ପ୍ରଶ୍ନ ୧ - (ଖ)

ପ୍ରଶ୍ନ ୨ - (ଗ)

ପ୍ରଶ୍ନ ୩ - (କ)

**ଦୀର୍ଘ ଉତ୍ତର ସମ୍ବଳିତ ପ୍ରଶ୍ନର ଉତ୍ତର ସଂପର୍କିତ ସୂଚନା :-**

ପ୍ରଶ୍ନ. ୧ — ଅନୁଚ୍ଛେଦ ୩୩.୧ଦେଖ

ପ୍ରଶ୍ନ. ୨ — ଅନୁଚ୍ଛେଦ ୩୩.୪ ଓ ୩୩.୫ଦେଖ

ପ୍ରଶ୍ନ ୩ — ଅନୁଚ୍ଛେଦ ୩୩.୬ଦେଖ

ପ୍ରଶ୍ନ ୪ — ଅନୁଚ୍ଛେଦ ୩୩.୮ ଦେଖ